# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**9 November – 2025**

## ନୂଆପଡା-ଉପନିର୍ବାଚନ

ନୂଆପଡା ଉପ ନିର୍ବାଚନ ଲାଗି ଆଜି ଅପରାହ୍ଣରେ ପ୍ରଚାର କାର୍ଯ୍ୟ ଶେଷହେଉଛି । ଏହାପରେ ୪୮ ଘଣ୍ଟା ନୀରବ ଅବଧି ରହିବ । ନୂଆପଡାରେ ଆସନ୍ତା ୧୧ ତାରିଖ ସକାଳ ୭ଟାରୁ ମତଦାନ ହେବ । ୧୪ ତାରିଖରେ ଭୋଟ୍‌ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଏଥିଲାଗି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ସାମାଜିକ ଗଣମାଧ୍ୟମରେ କୌଣସି ପ୍ରକାର ବିଭ୍ରାନ୍ତିକର ସୂଚନା ଓ ଫଟୋର ପ୍ରଚାରରୁ ନିବୃତ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

## ରାଜ୍ୟପାଳ-ନିମନ୍ତ୍ରଣ

ଓଡ଼ିଶାର ପ୍ରତ୍ୟେକ କୋଣ ଭକ୍ତି, ସୃଜନଶୀଳତା ଏବଂ ଶକ୍ତିର କାହାଣୀ କୁହେ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଗୁଜୁରାଟର ଏକତାନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଭାରତ ପର୍ବରେ ଯୋଗଦେଇ ରାଜ୍ୟପାଳ କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ଭୂମି ଓଡ଼ିଶା ପରିଦର୍ଶନ କରିବା ପାଇଁ ଅନ୍ୟ ରାଜ୍ୟର ଲୋକମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ରାଜ୍ୟପାଳ କହିଛନ୍ତି ଓଡ଼ିଶାରେ ଇତିହାସ, ଐତିହ୍ୟ ଏବଂ

ପ୍ରାକୃତିକ ସୌନ୍ଦର୍ଯ୍ୟ ଏକତ୍ରିତ ହୋଇଛନ୍ତି । ଭାରତ ପର୍ବ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ପାଳନ କରିବା ପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ ବାର୍ଷିକ ଜାତୀୟ ଉତ୍ସବ ।

## ଇଣ୍ଡିଆନ ରୋଡ କଂଗ୍ରେସ

ଭୁବନେଶ୍ୱରରେ ଇଣ୍ଡିଆନ ରୋଡ କଂଗ୍ରେସର ବାର୍ଷିକ ସମ୍ମିଳନୀର ଦ୍ୱିତୀୟ ଦିନରେ ଗତକାଲି ୮୭ତମ ରାଜପଥ ଅନୁସନ୍ଧାନ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୋର୍ଡ ଅଧ୍ୟକ୍ଷ ଭି.କେ. ରଜାଓ୍ୱତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଡ଼କ ଓ ଗବେଷଣାର ବିକାଶ ଓ ସ୍ଥାୟୀତ୍ୱ ବୃଦ୍ଧି ପାଇଁ ବୈଜ୍ଞାନିକ ଗବେଷଣା କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଥିଲା । ଏହାସହ ଉନ୍ନତ ସଡ଼କ ନିର୍ମାଣ କ୍ଷେତ୍ରରେ ପ୍ରଚଳିତ ଗବେଷଣା ଆଦି ନେଇ ସମୀକ୍ଷା ହୋଇଥିଲା ।

## ମୁଖ୍ୟମନ୍ତ୍ରୀ-ସହାୟତା ଘୋଷଣା

କଟକ ବକ୍ସିବଜାର ଅଞ୍ଚଳରେ ଆପାର୍ଟମେର୍ଟ ବାଲକୋନି ଭୁଶୁଡ଼ି ୩ଜଣଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନଚରଣମାଝି ଗଭୀର ଶୋକ ପ୍ରକାଶ କରିଛନ୍ତି । ଏହାସହ ମୃତକଙ୍କ ପରିବାରବର୍ଗଙ୍କ ପାଇଁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଘଟଣାରେ ଆହତ ୪ଜଣଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଓଏସ୍‌ଓ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ - ଓପିଏସ୍‌ସି ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ଏଏସ୍‌ଓ ପରୀକ୍ଷା ଆଜି ୩ଟି ଅଧିବେଶନରେ ଅନୁଷ୍ଠିତ ହେଉଛି । ସେହିଭଳି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ - ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆର୍‌ଆଇ, ଏଆର୍‌ଆଇ, ଅମିନ ଏବଂ ଆଇସିଡିଏସ୍ ପଦ ପାଇଁ ମଧ୍ୟ ଆଜି ପରୀକ୍ଷା ହେବ ।

# ସମୀକ୍ଷା

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନ ତଥା ସଚିବ ଗିରିଶ ଏସ୍.ଏନ୍ ତିନିଦିନିଆ ଗଞ୍ଜାମ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଖଲିକୋଟ ଓ ଗଞ୍ଜାମ ବ୍ଲକରେ ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

# ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ

ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ତଥା ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଭଗବାନ ବିର୍ସା ମୁଣ୍ଡାଙ୍କର ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ କରାଯାଉଛି । ଏହି ଉପଲକ୍ଷେ ବିର୍ସା ମୁଣ୍ଡାଙ୍କ ସ୍ୱତନ୍ତ୍ର ମଣ୍ଡପ କରାଯାଇ ତାଙ୍କ ଜୀବନ ଏବଂ

ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଫଟୋ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଇଛି ।

## ସଚେତନତା ଶିବିର

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ସାଂସାରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସାଇବର ଅପରାଧଠାରୁ ନିଜକୁ ସୁରକ୍ଷିତ ରଖିବା ନିମନ୍ତେ ଏହି ଶିବିରରେ ବିଭିନ୍ନ କୌଶଳ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ସୁରଭି ମହୋତ୍ସବ

ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋ ସ୍ୱପ୍ନର ଓଡ଼ିଶା-୨୦୩୬ ନିମନ୍ତେ ଦୁଇଦିନ ଧରି ସୁରଭି ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ମୋ ସ୍ୱପ୍ନର ଓଡ଼ିଶା ସଂକଳ୍ପ ନେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସୁରଭି

ରାୟଗଡାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ

ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି ।

## ଆଇନ୍ ସେବା ଦିବସ

ଦେଶରେ ଜନ ସାଧାରଣଙ୍କ ପାଇଁ ଉପଲବ୍ଧ ଆଇନ୍ ସେବା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ଆଇନ୍ ସେବା ଦିବସ ପାଳନ କରାଯାଉଛି । ଲୋକଙ୍କୁ ମାଗଣା ଓ ଦକ୍ଷ ଆଇନ୍‌ସେବା ପ୍ରଦାନ ପାଇଁ ଆଇନ୍ ସେବା ପ୍ରାଧିକରଣ ଆଇନ୍ ୧୯୮୭ ଅଧୀନରେ ଆଇନ୍‌ଗତ ସେବା ପ୍ରାଧିକରଣର ପ୍ରତିଷ୍ଠା ହୋଇଥିଲା । ଏହି ଆଇନ୍ ୧୯୯୫ ମସିହା ନଭେମ୍ବର ୯ ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଆଇନ୍‌ସେବା ଦିବସ ଭାବରେ ପାଳନ କରାଯାଇଉଛି ।

## ବାଲିଯାତ୍ରା-ଟ୍ରାଫିକ କଟକଣା

ଐତିହାସିକ ବାଲିଯାତ୍ରା କଟକରେ ଗତକାଲି ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା । ଆଜି ରବିବାର ହୋଇଥିବାରୁ ଲୋକଙ୍କର ଅଧିକ ଭିଡ଼ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ କଟକଣା କଡାକଡି କରାଯାଇଛି । ଏହାସହ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ଶୀତ

ରାଜ୍ୟର ବିଭିନ୍ନ ସ୍ଥାନରେ ରାତିର ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନ ଅନୁସାରେ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ । ଏହାଫଳରେ ଶୀତର ପ୍ରଭାବ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ଫୁଲବାଣୀଠାରେ ସର୍ବନିମ୍ନ ତାପମାତ୍ରା ୧୨ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା ।